# ନିତିଦିନ
NITIDIN

NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR

www.nitidin.com twitter.com/nitidintoday facebook.com/nitidintoday


୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ


ଆତ୍ମନିର୍ଭର ଭାରତ ଅଭିଯାନକୁ ମୋଦୀଙ୍କ ଗୁରୁତ୍ୱ ୨
ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି ୩
'ଜିରୋ-ଏମିଶନ ଇଲେକ୍ଟ୍ରିକ୍ ମୋବିଲିଟି' ପରୀକ୍ଷା ସଫଳ ୧୩





ହାଲାଣ୍ଡଙ୍କୁ ଗୋଲ୍ଡେନ୍ ବୟ ପୁରସ୍କାର ୧୬


**କରୋନା ସ୍ଥିତି**

| | | |
|---|---|---|
| ବିଶ୍ୱ | ଆକ୍ରାନ୍ତ: | ୫,୮୨,୩୬,୫୮୮ |
| | ସୁସ୍ଥ: | ୪,୦୩,୩୪,୭୭୦ |
| | ମୃତ: | ୧୩,୮୨,୯୨୮ |
| ଦେଶ | ଆକ୍ରାନ୍ତ: | ୯୦,୫୦,୫୯୭ |
| | ସୁସ୍ଥ: | ୮୪,୭୮,୧୨୪ |
| | ମୃତ: | ୧,୩୨,୭୨୬ |


RNI REG. NO. ODIODI/2015/62237 • POSTAL REGD. NO.BN/258/18-20

VOLUME 6 • ISSUE 186 • BHUBANESWAR • BERHAMPUR • SAMBALPUR • BALASORE • JAJPUR • SUNDAY • 22 NOVEMBER 2020 • 16 PAGES+MAGAZINE • ₹5/- ବର୍ଷ ୬ • ସଂଖ୍ୟା ୧୮୬ • ଭୁବନେଶ୍ୱର • ବ୍ରହ୍ମପୁର • ସମ୍ବଲପୁର • ବାଲେଶ୍ୱର • ଯାଜପୁର • ରବିବାର • ୨୨ ନଭେମ୍ବର ୨୦୨୦ • ୧୬ ପୃଷ୍ଠା+ମ୍ୟାଗାଜିନ୍ • ୫ ଟଙ୍କା


# ପୁଣି ଅନ୍‌ଲାଇନ୍‌ରେ ୧୧ ସେବା

## ଏମ୍‌ଏସ୍‌ଏମ୍‌ଇ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୧।୧୧/ଏନ୍‌ଏନ୍‌ଏସ୍:**

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି କ୍ଷେତ୍ରର ଉଦ୍ୟୋଗୀମାନଙ୍କ ସୁବିଧା ପାଇଁ ୫-ଟି କାର୍ଯ୍ୟକ୍ରମରେ ଅନ୍‌ଲାଇନ ଜରିଆରେ ୧୧ ପ୍ରକାର ସେବା ଆଜି ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପ ହେଉଛି ଆମ ଅର୍ଥନୀତିର ବିକାଶର ଆଧାର। ଏହି କ୍ଷେତ୍ରରେ ହିଁ ଅଧିକ ଲୋକ କର୍ମନିଯୁକ୍ତି ପାଇଥାନ୍ତି। ତେଣୁ ଏହିସବୁ ଶିଳ୍ପ ଗୁଡ଼ିକର ପୂର୍ଣ୍ଣ କ୍ଷମତାର ଉପଯୋଗ ପାଇଁ ରାଜ୍ୟ ସରକାର ଏକ ସହାୟକ ବାତାବରଣ ସୃଷ୍ଟି କରିବା ସହିତ ସବୁପ୍ରକାର ସହଯୋଗ ଯୋଗାଇ ଦେବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନା ମହାମାରୀ ସମୟରେ ସାରା ବିଶ୍ୱର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବାବେଳେ ଆମର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡ଼ିକ ଅତ୍ୟନ୍ତ କଠିନ ଆର୍ଥିକ ପରିସ୍ଥିତି ଦେଇ ଗତି କରୁଛନ୍ତି ଏବଂ ସରକାର ସେମାନଙ୍କୁ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କର ସ୍ୱଚ୍ଛ ନୀତି ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଆଜି ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆସିଛି ଏବଂ କରୋନା ମହାମାରୀ ସତ୍ତ୍ୱେ ଓଡ଼ିଶାରେ ଗତ ୧୦ ମାସ ମଧ୍ୟରେ ୧ ଲକ୍ଷ ୧୭ ହଜାର କୋଟି ଟଙ୍କାର ପୁଞ୍ଜି ଆଣିବାରେ ଓଡ଼ିଶା ସଫଳ ହୋଇଛି। ଏହାଦ୍ୱାରା ୫୩ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ କର୍ମ ନିଯୁକ୍ତି ହୋଇପାରିଛି। କ୍ଷୁଦ୍ର, ମଧ୍ୟମ ଓ ଅଣୁ ଉଦ୍ୟୋଗୀମାନେ ଯେପରି ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ନେଇପାରିବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିଭାଗକୁ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ▶▶ ୭

# ସ୍କୁଲ୍ ବନ୍ଦ ନିଷ୍ପତ୍ତିରେ ଗୃହ ହୁଲ୍‌ସ୍ଥୁଲ୍

**ଭୁବନେଶ୍ୱର,୨୧।୧୧/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ପ୍ରାୟ ୧୪ ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ୍‌କୁ ବନ୍ଦ କରିବା ନିଷ୍ପତ୍ତି ବିରୋଧରେ ଆଜି ବିଧାନସଭାରେ ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟ ପ୍ରବଳ ହଟ୍ଟଗୋଳ କରିଛନ୍ତି। ସ୍କୁଲ୍ ବନ୍ଦ ନିଷ୍ପତ୍ତିକୁ ନେଇ ସରକାରଙ୍କୁ ଏକପ୍ରକାର ସଣ୍ଟୁଆଶି ଆକ୍ରମଣ କରିଛନ୍ତି ବିରୋଧୀ। ନିଷ୍ପତ୍ତି ପ୍ରତ୍ୟାହାର ନକରିବା ଯାଏଁ ବିଧାନସଭା ଚଲାଇ ଦିଆଯିବନି ବୋଲି ବିରୋଧୀ ସଫାସଫା ଶୁଣାଇ ଦେଇଛନ୍ତି। ଏହି ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ଦାବିରେ ଗୃହର ମଧ୍ୟଭାଗରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିବା ସହ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏହାକୁ ନେଇ ଗୃହ ବାରମ୍ବାର ମୁଲତବୀ ହୋଇଥିବାବେଳେ ରବିବାର ଗଣଶିକ୍ଷା ମନ୍ତ୍ରୀଙ୍କୁ ଏହା ଉପରେ ଉତ୍ତର ରଖିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଆଇନଶୃଙ୍ଖଳା ସହିତ ବିଦ୍ୟାଳୟ ବନ୍ଦ ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା, ବିଜେପି ସଦସ୍ୟ ବିଷ୍ଣୁ ସେଠୀ ପ୍ରମୁଖ ରାଜ୍ୟର ଗାଁ ଗହଳରେ ଥିବା ସ୍କୁଲ୍‌ଗୁଡ଼ିକୁ ବନ୍ଦ କରିବା ନିଷ୍ପତ୍ତିର ତୀବ୍ର ବିରୋଧ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ମିଶ୍ର କହିଥିଲେ, ସ୍କୁଲ୍ ବନ୍ଦ ହୋଇଗଲେ ପିଲା ଆଉ ପାଠ ପଢ଼ିପାରିବେ ନାହିଁ। ରାଇଟ୍ ଟୁ ଏଜୁକେସନ୍ ହେଉଛି ଏକ ମୌଳିକ ଅଧିକାର। ଗରିବ ପିଲା ପାଖରେ ପଇସା ନାହିଁ, ସେମାନେ ଯିବେ କୁଆଡ଼େ? ବାଧହୋଇ ସେମାନେ ଡ୍ରପ୍ ଆଉଟ୍ ହୋଇଯିବେ। ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ଯାଉଥିବା ବେଳେ ସରକାର କ'ଣ କରୁଛନ୍ତି। ଗତ ଅଧିବେଶନ ସମୟରେ ବସିଥିବା ସର୍ବଦଳୀୟ ବୈଠକରେ ଦଳମତ ନିର୍ବିଶେଷରେ ସଦସ୍ୟମାନେ ସ୍କୁଲ୍ ବନ୍ଦ ନକରିବାକୁ କହିଥିଲେ। ହେଲେ ସରକାର ଏବେ ସ୍କୁଲ ବନ୍ଦ କରିବାକୁ ଯାଉଛନ୍ତି। ଏହି ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ସରକାର ଆଜି ଏ ସଂକ୍ରାନ୍ତରେ ସର୍ବଦଳୀୟ ବୈଠକ ଡାକନ୍ତୁ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଏଥିରେ ଯୋଗ ଦେବା ଲାଗି କୁହାଯାଉ। ବୈଠକର ନିଷ୍ପତ୍ତି ଅନୁସାରେ ମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଥିଲେ।

- ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ, ବିଧାନସଭା ଅଚଳ
- ବାଚସ୍ପତିଙ୍କ କୋଭିଡ୍ ସୁରକ୍ଷା କାଚରେ ମୁଣ୍ଡ ପିଟିଲେ ତାରା
- ରବିବାର ଉତ୍ତର ରଖିବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିର୍ଦ୍ଦେଶ



ସେହିପରି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସ୍କୁଲ୍ ବନ୍ଦ ଘଟଣାକୁ ନେଇ ଆତ୍ମହତ୍ୟା ଧମକ ଦେବା ସହ ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ଥିବା କୋଭିଡ୍ ସୁରକ୍ଷା କାଚରେ ମୁଣ୍ଡ ପିଟି ଆନ୍ଦୋଳନ ଚେତାବନୀ ଦେଇଥିଲେ। ପାହାଡ଼ିଆ ଅଞ୍ଚଳରେ ଛୋଟ ପିଲାମାନେ ନଦୀ, ପାହାଡ଼ ଡେଇଁ ଅନ୍ୟ ସ୍କୁଲ ଯାଇପାରିବେ ନାହିଁ। ସ୍କୁଲ ବନ୍ଦ ନିଷ୍ପତ୍ତି ରଦ୍ଦ କରିବାକୁ ସେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ପ୍ରବଳ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଶ୍ରୀ ପାତ୍ର ପ୍ରଥମେ ଦୁଇଦିନ ଭିତରେ ଗଣଶିକ୍ଷା ମନ୍ତ୍ରୀ ଗୃହରେ ବିବୃତି ରଖିବା ପାଇଁ ରୁଲିଂ ଦେଇଥିଲେ।

ପରବର୍ତ୍ତୀ ସମୟରେ ଆସନ୍ତାକାଲି ସୁଦ୍ଧା ମନ୍ତ୍ରୀ ଗୃହରେ ବିବୃତି ରଖିବାକୁ କହିଥିଲେ। ହେଲେ ବିରୋଧୀ ସଦସ୍ୟମାନେ ସର୍ବଦଳୀୟ ବୈଠକ ଡାକିବା ଦାବିରେ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ସଦସ୍ୟଙ୍କ ହଟ୍ଟଗୋଳ ଭିତରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ମିଶ୍ର ଗୃହ ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ସହ ସର୍ବଦଳୀୟ ବୈଠକ ଡାକିବା ଦାବିରେ ଯୁକ୍ତିତର୍କ କରୁଥିବା ଲକ୍ଷ୍ୟ କରାଯାଇଥିଲା। ▶▶ ୭

# ରାଜ୍ୟରେ ପୁଣି ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୧୧/ଏନ୍‌ଏନ୍‌ଏସ୍:**

ଭାରତ ମହାସାଗର ଓ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅବପାତର ରୂପ ନେବ। ପରେ ଏହା ଘନିଭୂତ ହେବା ସମ୍ଭାବନା ରହିଛି। ଆସନ୍ତା ୨୫ ତାରିଖ ବେଳକୁ ଏହା ପଶ୍ଚିମ-ଉତ୍ତରକୁ ଗତି କରି ତାମିଲନାଡୁ ଓ ପୁଡୁଚେରି ଛୁଇଁପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ, ବର୍ତ୍ତମାନ ଭାରତ ମହାସାଗରର ବିଷୁବରେଖା ଆଖପାଖ ତଥା ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରସ୍ଥଳରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ। ଏହାର ପ୍ରଭାବରେ ଉତ୍ତର, ଦକ୍ଷିଣ ଅଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଉପକୂଳରେ ବର୍ଷା ହୋଇପାରେ। ତେଣୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଏକାଧିକ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୨ ତାରିଖ ସକାଳେ ଉପକୂଳ ଓଡ଼ିଶା ସମେତ ▶▶ ୭

# 'ଓଡ଼ିଶାରେ ୧୪ ସାଗରମାଳା ପ୍ରକଳ୍ପର କାମ ଶେଷ ହୋଇଛି'



**ଭୁବନେଶ୍ୱର, ୨୧।୧୧/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଭାରତ ସରକାରଙ୍କ ୪୬ଟି ସାଗରମାଳା ପ୍ରକଳ୍ପ ମଧ୍ୟରୁ ୫ ହଜାର ୬ କୋଟି ଟଙ୍କା ମୂଲ୍ୟର ୧୪ଟି ପ୍ରକଳ୍ପର କାମ ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏବଂ ପାରାଦୀପ ବନ୍ଦରର ଅଧ୍ୟକ୍ଷଙ୍କ ସହ ହୋଇଥିବା ଏକ ସମୀକ୍ଷା ବୈଠକରୁ ଏହି ତଥ୍ୟ ଜଣାପଡ଼ିଛି। ବୈଠକରେ ଓଡ଼ିଶାରେ ୫୭ ହଜାର ୩୭୯ କୋଟି ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ୪୬ଟି ସାଗରମାଳା ପ୍ରକଳ୍ପର ସମୀକ୍ଷା କରିଛନ୍ତି ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ ଏହି ପ୍ରକଳ୍ପର କାର୍ଯ୍ୟକାରୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମସ୍ତ ସାଗରମାଳା ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିବା ପରେ ଶ୍ରୀ ପ୍ରଧାନ କହିଛନ୍ତି ୩୩ ହଜାର ୨୫୪ କୋଟି ଟଙ୍କା ମୂଲ୍ୟର ୨୨ଟି ପ୍ରକଳ୍ପ କ୍ରିୟାନ୍ୱୟନ ପ୍ରକ୍ରିୟାରେ ଅଛି। ୧୯ ହଜାର ୫୯ କୋଟି ଟଙ୍କା ମୂଲ୍ୟର ୧୦ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ରାଜ୍ୟରେ ବନ୍ଦରର ନବୀକରଣ, ବନ୍ଦର ସହ ସଂଯୋଗ ସ୍ଥାପନ, ବନ୍ଦର ଆଧାରିତ ଶିଳ୍ପାୟନ ଏବଂ ଉପକୂଳ ସମୂହର ବିକାଶ ଉପରେ ଧ୍ୟାନ ଦିଆଯାଇଥିବା ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳକୁ ଆର୍ଥିକ ବିକାଶ ଏବଂ ଅନ୍ତର୍ଜାତୀୟ ଭାଲ୍ୟୁ ଚେନର ପେଣ୍ଟସ୍ଥଳି ଭାବରେ ପରିଣତ କରିବ। ସେହିପରି ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ୫୦ କୋଟି ଟଙ୍କା ପୁଞ୍ଜିନିବେଶରେ ହେବାକୁ ଥିବା ମାଛଧରା ବନ୍ଦର ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ନୂତନ ମାଛଧରା ବନ୍ଦର ଚାନ୍ଦିପୁରର ମତ୍ସ୍ୟଜୀବୀ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶାରେ ନୀଳ ବିପ୍ଳବ ସ୍ୱପ୍ନକୁ ପୂରଣ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ପ୍ରକାଶ ପାଇଲା ଏକକ ପିଜି ପ୍ରବେଶିକା ପରୀକ୍ଷାର ମେଧାତାଲିକା

**ଭୁବନେଶ୍ୱର,୨୧।୧୧/ଏନ୍‌ଏନ୍‌ଏସ୍:**

ଚଳିତ ବର୍ଷ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଏକକ ପିଜି ପ୍ରବେଶିକା (ସିପିଇଟି) ପରୀକ୍ଷାର ମେଧା ତାଲିକା ଆଜି ପ୍ରକାଶ ପାଇଛି। ଟପ୍ପର ତାଲିକାରେ ରହିଥିବା ମେଧାବୀଙ୍କ ମଧ୍ୟରୁ ପରିସଂଖ୍ୟାନ ବିଷୟ ଲାଗି ପରୀକ୍ଷା ଦେଇଥିବା ଛାତ୍ରୀ ଖୁସୀ ଅଗ୍ରୱାଲ ସର୍ବାଧିକ ୯୧.୨୯% ମାର୍କ ରଖି ଥିବା ବେଳେ ଦ୍ୱିତୀୟରେ ଭୂତତ୍ତ୍ୱ ବିଷୟରେ ଛାତ୍ରୀ ଇପ୍ସିତା ମହାପାତ୍ର ୮୯.୯୭% ମାର୍କ ରଖିଛନ୍ତି। ସେହିପରି ପ୍ରାୟ ୬୪ ବିଷୟରେ ଝିଅମାନେ ଟପ୍ପର ହୋଇଥିବା ବେଳେ ୩୬ଟି ବିଷୟରେ ପୁଅମାନେ ଟପ୍ପର ହୋଇଛନ୍ତି। ଛାତ୍ରଛାତ୍ରୀମାନେ ୱେବ୍‌ସାଇଟ୍ ଲିଙ୍କରେ ଏହି ପିଜି ପ୍ରବେଶିକା ପରୀକ୍ଷା ବିଷୟ ଅନୁଯାୟୀ ମେଧାତାଲିକା ଦେଖିପାରିବେ। ଏଥି ସହିତ ଛାତ୍ରଛାତ୍ରୀମାନେ ସେମାନଙ୍କର ୱେବ୍‌ସାଇଟ୍‌ରେ ୟୁଜର ନେମ୍ ଓ ପାସ୍‌ୱାର୍ଡ ଦେଇ ଲଗ୍‌ଇନ୍ କରି ମଧ୍ୟ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଅନୁସାରେ ମେଧା ତାଲିକା ଦେଖିପାରିବେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମ ଥର ପାଇଁ ୭୦ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ପିଜି ପାଠ୍ୟକ୍ରମର ୧୪,୪୦୧ ପିଜି ସିଟ୍ ପାଇଁ ଏକକ ପ୍ରବେଶିକା ପରୀକ୍ଷା ବା ସିପିଇଟି ହୋଇଥିଲା। ▶▶ ୭

**ନିଶାଦ୍ରବ୍ୟ ସେବନ ଓ ମହଜୁଦ ଅଭିଯୋଗ**

# ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ ଗିରଫ



**ମୁମ୍ବଇ,୨୧।୧୧/ଏଜେନ୍ସି:**

ମାରିଜୁଆନା ଓ କାନାବିସ୍ (ଗଞ୍ଜେଇ ଜାତୀୟ ମାଦକଦ୍ରବ୍ୟ) ସେବନ ଓ ମହଜୁଦ ରଖିଥିବା ଅଭିଯୋଗରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଅଧିକାରୀମାନେ ଶନିବାର ଲୋକପ୍ରିୟ ଟେଲି ହାସ୍ୟ ଅଭିନେତ୍ରୀ ଭାରତୀ ସିଂହଙ୍କୁ ଗିରଫ କରିଛନ୍ତି। ଏନସିବି ଅଧିକାରୀମାନେ ଶନିବାର ସକାଳେ ଭାରତୀଙ୍କ ଅନ୍ଧେରୀରେ ଥିବା ଲୋଖଣ୍ଡୱାଲା କମ୍ପ୍ଲେକ୍ସସ୍ଥିତ ବାସଭବନ ଉପରେ ଚଢଉ କରି ୮୬.୫ ଗ୍ରାମ ଓଜନର ନିଷିଦ୍ଧ ମାଦକଦ୍ରବ୍ୟ ମାରିଜୁଆନା ଜବତ କରିଛନ୍ତି। ପରେ ଭାରତୀ ଓ ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଛିୟାଙ୍କୁ ଏନସିବି କାର୍ଯ୍ୟାଳୟକୁ ଡକାଯାଇ ଅଧିକ ଜେରା କରାଯାଇଥିଲା। ସେମାନେ ନିୟମିତଭାବେ କାନାବିସ୍ ସେବନ କରୁଥିଲେ ବୋଲି ଜେରା ସମୟରେ ଉଭୟ ଭାରତୀ ଓ ହର୍ଷ ସ୍ୱୀକାର କରିଛନ୍ତି।

ଭାରତୀ ଟିଭି ସୋ' 'କମେଡି ସର୍କସ'ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିବାବେଳେ ସଂପ୍ରତି ବିଶିଷ୍ଟ ହାସ୍ୟ କଳାକାର କପିଲ ଶର୍ମାଙ୍କ ସୋ' 'କମେଡି ନାଇଟ୍‌ସ ୱିଥ୍ କପିଲ'ରେ ଅଭିନୟ କରୁଛନ୍ତି। ଏହାବ୍ୟତୀତ ସେ କେତେକ ଟିଭି ରିଏଲିଟୀ ସୋ'ରେ ଉପସ୍ଥାପିକା ଭୂମିକା ମଧ୍ୟ ତୁଲାଉଛନ୍ତି। ସୂଚନାଯୋଗ୍ୟ ଗତ ଜୁନରେ ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ଆତ୍ମହତ୍ୟା ଘଟଣା ପରେ ବଲିଉଡ୍‌ରେ ମାଦକଦ୍ରବ୍ୟର ବ୍ୟାପକ କାରବାର ଚାଲିଥିବାର ଅଭିଯୋଗ ଉଠିଥିଲା। ଏହାକୁ ଆଧାର କରି ଏନସିବି ପକ୍ଷରୁ ମୃତ ସୁଶାନ୍ତଙ୍କ ବାନ୍ଧବୀ ରିୟା ଚକ୍ରବର୍ତ୍ତୀଙ୍କ ସମେତ ଦୀପିକା ପଦୁକୋନ, ଅର୍ଜୁନ ରାମପାଲ, ତାଙ୍କ ପ୍ରେମିକା ଗାବ୍ରିଏଲା ଡିମିଟ୍ରିଆଡେସ୍‌ଙ୍କୁ ଜେରା କରାଯାଇ ବହୁ ଗୋପନୀୟ ତଥ୍ୟ ହାସଲ କରାଯାଇପାରିଛି। ରିୟାଙ୍କୁ ସେପ୍ଟେମ୍ବର ୯ରେ ଗିରଫ କରାଯାଇଥିଲା। ପ୍ରାୟ ଏକ ମାସ ଜେଲରେ ରହିବାପରେ ତାଙ୍କୁ ଜାମିନ ମିଳିଥିଲା।

# ଆଇନଶୃଙ୍ଖଳା ନେଇ ବର୍ଷିଲେ ବିରୋଧୀ

**ଭୁବନେଶ୍ୱର,୨୧।୧୧/ଏନ୍‌ଏନ୍‌ଏସ୍:**

ଦୁଇଟି ହାଜତମୃତ୍ୟୁ ଏବଂ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଜି ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିବା ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଶାସକ ଦଳ ଉପରେ ବର୍ଷିଥିଲେ। ସେ କହିଥିଲେ, ୨୦୧୮ରୁ ୨୦୨୦ ମଧ୍ୟରେ ରାଜ୍ୟରେ ୧୯୮ଜଣ ମହିଳାଙ୍କୁ ବଳାତ୍କାର କରାଯାଇଛି। ଗରିବ ଲୋକଙ୍କୁ ମାରି ସରକାର ଆଇଏଏସ୍, ଆଇପିଏସ୍ ଅଫିସରମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ଓ କନେଷ୍ଟବଳ କେ. ରମେଶଙ୍କୁ ଥାନାକୁ ଉଠାଇ ନେଇ ପିଟିଥିଲେ। ଏବେ ଏସ୍‌ପିଙ୍କୁ ବଞ୍ଚାଇବାକୁ ମୃତ ବ୍ୟକ୍ତିଙ୍କ ନାମରେ ମିଛ ସତ କହି ତାଙ୍କୁ ଫସେଇବାକୁ ଚେଷ୍ଟା କରାଯାଉଛି। ପୁରୀ ଓ ବୀରମିତ୍ରପୁର ଘଟଣାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ନାଏକ ଦାବି କରିଥିଲେ। ସେ କହିଥିଲେ, ପୁରୀରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ପୂର୍ବରୁ ଛୋଟକାଟିଆ ଚୋରି କରୁଥିବା ବେଳେ ୧୭/୧୮ ବର୍ଷ ହେଲା ସେ କୌଣସି ଖରାପ କାମରେ ଲିପ୍ତ ନ ଥିଲା। ହେଲେ ପୁଲିସ ତାକୁ ଉଠାଇ ନେଇ ଥାନାରେ ପିଟି ପିଟି ମାରିଦେଲା। ସେହି ଥାନାରେ ଥିବା ଅନ୍ୟ ଅପରାଧୀମାନେ ଏହା ଦେଖି ଦେବାରୁ ସେମାନଙ୍କୁ ରାତାରାତି ବ୍ରହ୍ମଗିରି ଥାନାକୁ ପଠାଇ ଦିଆଗଲା। ମୃତବ୍ୟକ୍ତିଙ୍କୁ ସ୍ୱର୍ଗଦ୍ୱାରରେ ପୁଲିସ ଦାହ କରିଥିବା ବେଳେ କୌଣସି ରୀତିନୀତି ପାଳନ ହୋଇନଥିଲା। ବଲାଙ୍ଗିରରେ ଜଣକ ଘରେ ପଶି ଦୁର୍ବୃତ୍ତମାନେ ୬ ଜଣଙ୍କୁ ମାରିଦେଲେ। ଏଭଳି ସ୍ଥିତିରେ ଲୋକେ କିପରି ରହିବେ ବୋଲି ସେ ପ୍ରଶ୍ନ କରିଥିଲେ। ୨୦ ବର୍ଷର ସରକାର ଭୋଟରମାନଙ୍କ ସ୍ୱାର୍ଥ ପ୍ରତି ନଜର ଦେଉନାହାନ୍ତି। ତେଣୁ ବାଚସ୍ପତି ଏ ସଂକ୍ରାନ୍ତରେ ରୁଲିଂ ଦିଅନ୍ତୁ ଓ ମୋସନ୍ ଆକାରରେ ଏହା ଆଲୋଚନା କରାଯାଉ ବୋଲି ସେ ଦାବି କରିଥିଲେ।

**ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ସରକାର: ବିରୋଧୀ ଦଳ ନେତା**

**ରାଜ୍ୟରେ ଏବେ ଜଙ୍ଗଲରାଜ୍ ଚାଲିଛି: ନରସିଂହ**

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ରାଜ୍ୟରେ ଏବେ ଶାସନ ବୋଲି କିଛି ନାହିଁ। ଜଙ୍ଗଲରାଜ ଚାଲିଛି। ସରକାର କିଛି କରୁନାହାନ୍ତି। ପ୍ରତ୍ୟେକ ନାଗରିକଙ୍କ ଧନଜୀବନ ସୁରକ୍ଷା କରିବା ହେଉଛି ସରକାରଙ୍କ କର୍ତ୍ତବ୍ୟ। ହେଲେ ସରକାର ସେଥିରେ ବିଫଳ। ଦୁଇ ଦୁଇଟି ହାଜତ ମୃତ୍ୟୁ ଘଟଣା ନେଇ ଓଡ଼ିଶା ଏବେ ଉଠୁଛି ପଡୁଛି। ଲୋକେ ଆନ୍ଦୋଳନ କରୁଛନ୍ତି। ନ୍ୟାୟ ନ ପାଇ ପିଲା ତହସିଲ ଅଫିସ୍ ପୋଡୁଛନ୍ତି। ଓଡ଼ିଶା ଶାନ୍ତିର ରାଜ୍ୟ ହୋଇଥିବା ବେଳେ ଧୀରେ ଧୀରେ ଏହାର ଅବନତି ହେଉଛି। ରାଜ୍ୟରେ ଏଭଳି ସ୍ଥିତି ଉପୁଜୁଥିବା ବେଳେ ଓଡ଼ିଶା ମାନବାଧିକାର କମିଶନ ଏକପ୍ରକାର ଅଚଳ। ଏଠାରେ କମିଶନ ନାହାନ୍ତି କି ନୂଆ କମିଶନଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଶ୍ରୀ ମିଶ୍ର ସୁନ୍ଦରଗଡ଼ରେ ଘଟିଥିବା ହାଜତ ମୃତ୍ୟୁ ଘଟଣାରେ କିନ୍ତୁ ଏସପିଙ୍କ ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଘଟଣା ଘଟିବା ପରେ ପରେ ଏସପି ମାନବାଧିକାର କମିଶନଙ୍କ ଆଇନ ▶▶ ୭

# ସକ୍ରିୟ ରୋଗୀ ସଂଖ୍ୟା ୩%ରୁ କମ୍

## ପୁଣି ୧୭ ଆକ୍ରାନ୍ତ ଜୀବନ ହରାଇଲେ

**ଭୁବନେଶ୍ୱର,୨୧।୧୧/ଏନ୍‌ଏନ୍‌ଏସ୍:**

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ଭିତରକୁ ଆସିଛି। ଏବେ କରୋନା ସକ୍ରିୟ ରୋଗୀଙ୍କ ହାର ମାତ୍ର ୨.୧୫%ରେ ରହିଛି। ମୋଟ ସକ୍ରିୟ ରୋଗୀଙ୍କ ସଂଖ୍ୟା ୬,୭୩୭ରେ ପହଞ୍ଚିଛି। ରାଜ୍ୟରେ ଆଜି ପୁଣି ୧୭ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ସୁନ୍ଦରଗଡ଼ରେ ୫, କେନ୍ଦୁଝରରେ ୩, ଗଞ୍ଜାମରେ ୨ ଓ କଟକରେ ୨ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଏହାଛଡ଼ା ପୁରୀ, ମୟୂରଭଞ୍ଜ, ଖୋର୍ଦ୍ଧା, ଜଗତସିଂହପୁର ଓ ଦେବଗଡ଼ରୁ ଜଣେ ଲେଖାଏଁ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ଫଳରେ ରାଜ୍ୟରେ ଏବେ ମୃତ୍ୟୁ ସଂଖ୍ୟା ୧,୬୨୫ରେ ପହଞ୍ଚିଛି। ଏବେ ଗଞ୍ଜାମରେ ମୃତ୍ୟୁ ସଂଖ୍ୟା ୨୩୮, ଖୋର୍ଦ୍ଧାରେ ୨୭୩, ସୁନ୍ଦରଗଡ଼ରେ ୧୧୯ ଓ କଟକରେ ୧୩୧ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପୁଣି ୭୭୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜି ଅନୁଗୁଳରୁ ୬୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୧ ସଂକ୍ରମିତ ଅଛନ୍ତି। ଏହାବ୍ୟତୀତ ବରଗଡ଼ରୁ ୩୦, ଭଦ୍ରକରୁ ୬, ବଲାଙ୍ଗିରରୁ ୨୯, ବୌଦ୍ଧରୁ ୩, କଟକରୁ ୫୪, ଦେବଗଡ଼ରୁ ୩, ଢେଙ୍କାନାଳରୁ ୧୨, ଗଞ୍ଜାମରୁ ୧୮, ଜଗତସିଂହପୁରରୁ ୪୦, ଯାଜପୁରରୁ ୨୧, ଝାରସୁଗୁଡ଼ାରୁ ୩୦, କଳାହାଣ୍ଡିରୁ ୧୩, କନ୍ଧମାଳରୁ ୪, କେନ୍ଦ୍ରାପଡ଼ାରୁ ୩୬, କେନ୍ଦୁଝରରୁ ୫୩, ଖୋର୍ଦ୍ଧାରୁ ୬୧, କୋରାପୁଟରୁ ୧୦, ମାଲକାନଗିରିରୁ ୪, ମୟୂରଭଞ୍ଜରୁ ୫୮, ନବରଙ୍ଗପୁରରୁ ୧୦, ନୟାଗଡ଼ରୁ ୪, ନୂଆପଡ଼ାରୁ ୫, ପୁରୀରୁ ୨୦, ରାୟଗଡ଼ରୁ ୪, ସମ୍ବଲପୁରରୁ ୪୦, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୬୪ ଓ ଷ୍ଟେଟ୍ ପୁଲ୍‌ରୁ ୧୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ୧୩ ହଜାର ୩୨୩ରେ ପହଞ୍ଚିଛି। ଆଜି ଆଉ ୧,୦୧୧ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ସୁସ୍ଥ ସଂଖ୍ୟା ୩ଲକ୍ଷ ୪ହଜାର ୯୦୮ରେ ପହଞ୍ଚିଛି।

**ଆକ୍ରାନ୍ତ ୩,୧୩,୩୨୩**

| ସକ୍ରିୟ | ସୁସ୍ଥ | ମୃତ |
|---|---|---|
| ୬,୭୩୭ | ୩,୦୪,୯୦୮ | ୧,୬୨୫ |